**ଅନ୍ତରଙ୍ଗ ଆଳାପ**



# ଶ୍ରୀଯୁକ୍ତ ବିପିନ ବିହାରୀ ମହାନ୍ତିଙ୍କ ସହ

ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ ଦ୍ୱାରା ପ୍ରତିଷ୍ଠିତ ବିପିନ ବିହାରୀ ପାଠାଗାରର ବହିସଂଖ୍ୟା ୪୦ ହଜାରରୁ ଊର୍ଦ୍ଧ୍ୱ ଏବଂ ଦୈନିକ ପତ୍ରିକାଗୁଡ଼ିକୁ ସଂଖ୍ୟା ପାଖାପାଖି ୩୦ ହଜାର । ଅନୁଷ୍ଠାନର ପ୍ରତିଷ୍ଠାତା ଶ୍ରୀଯୁକ୍ତ ବିପିନ ବିହାରୀ ମହାନ୍ତିଙ୍କ ସହ ଅନ୍ତରଙ୍ଗ ଆଳାପ କରିଛନ୍ତି ଶ୍ରୀଯୁକ୍ତ ଜବାହରଲାଲ ସୁବୁଦ୍ଧି, ଉପଦେଷ୍ଟା, 'ଆମରି ସତ୍ୟ'।

ଜବାହାରଲାଲ ସୁବୁଦ୍ଧି

ଆପଣଙ୍କ ଅନୁଷ୍ଠାନଟି କେବେଠାରୁ ପ୍ରତିଷ୍ଠା ହୋଇଛି ?

ବିପିନ ବିହାରୀ ମହାନ୍ତି :

୧୧ ଅଗଷ୍ଟ ୨୦୦୧ ଠାରୁ ଆମ ଅନୁଷ୍ଠାନ ପ୍ରତିଷ୍ଠା ହୋଇଛି : କିନ୍ତୁ ଲୋକାର୍ପଣ ହୋଇଛି ୧୧ ଏପ୍ରିଲ ୨୦୦୯ରେ ।

ଜ. ସୁ : ଆପଣ କେଉଁ ଉଦ୍ଦେଶ୍ୟ ନେଇ ମହାନ୍ ଅନୁଷ୍ଠାନଟି ଗଠନ କରିଛନ୍ତି ?

ବି.ବି.ମ : ସର୍ବସାଧାରଣଙ୍କ ବିଶେଷକରି ଛାତ୍ର, ଶିକ୍ଷକ, ଅଧ୍ୟାପକ, ଗବେଷକ, ସାହିତ୍ୟିକ ଏବଂ ସାହିତ୍ୟପ୍ରେମୀଙ୍କୁ ପାଠାଗାର ସେବା ଯୋଗାଇବା ଏବଂ ଓଡ଼ିଶା ଭାଷା ସମୂହର ସଂରକ୍ଷଣ ଏବଂ ଗବେଷଣା ଚାଲୁ ରଖିବା ପାଇଁ ଏ ଅନୁଷ୍ଠାନଟି ସ୍ଥାପନ କରାଯାଇଛି ।

ଜ. ସୁ : ଅନୁଷ୍ଠାନର ଏହିପରି ନାମକରଣ କରିବାର ଉଦ୍ଦେଶ୍ୟ କ'ଣ ?

ବି.ବି.ମ : ଓଡ଼ିଶା ଭାଷା କହିଲେ କେବଳ ଓଡ଼ିଆ ଭାଷା ନୁହେଁ : ଏଣୁ ଏହା ଓଡ଼ିଆ ସହିତ ଓଡ଼ିଶାରେ ବାସ କରୁଥିବା ୬୨ଟି ଆଦିବାସୀମାନଙ୍କର ୩୦ଟି ଭାଷା ସମେତ ଓଡ଼ିଶାରେ ବାସ କରୁଥିବା ତେଲୁଗୁ, ବଙ୍ଗାଳୀ, ହିନ୍ଦୀ ଭାଷାଭାଷୀ ସମସ୍ତ ଅଧିବାସୀଙ୍କର ଭାଷାକୁ ବୁଝାଏ । କେବଳ ଓଡ଼ିଆ ଭାଷାକୁ ବଂଚାଇ କାହାକୁ ମାରିଦେବା ଆମର ଉଦ୍ଦେଶ୍ୟ ନୁହେଁ । କୌଣସି ଭାଷାକୁ ଅବହେଳା କଲେ ଏହା ତ ଲୋପ ହୋଇଯିବ ଏବଂ ଏମିତି ବି ହୋଇପାରେ ଯେ ସେ ଭାଷାକୁ କେନ୍ଦ୍ର କରି ଭାଷା ଆନ୍ଦୋଳନ ସଂଗଠିତ ହୋଇପାରେ ଏବଂ ଭାଷାକୁ ନେଇ ରାଜ୍ୟ ବିଭାଜନ ଘଟିପାରେ । ଯେମିତି ଏବେ କୋଶଳୀମାନେ ତାଙ୍କ ଭାଷାକୁ ନେଇ ସ୍ୱତନ୍ତ୍ର ରାଜ୍ୟ ଗଠନ ଦାବି କରୁଛନ୍ତି । ଆମର ଉଦ୍ଦେଶ୍ୟ ଅଖଣ୍ଡ ଓଡ଼ିଶା ରହୁ ଏବଂ ଓଡ଼ିଶାର ସମସ୍ତ ଭାଷା ଓଡ଼ିଆ ସହ ବଂଚନ୍ତୁ। ଏଣୁ ଅନୁଷ୍ଠାନର ନାମ ଓଡ଼ିଶା ଭାଷା ସଂରକ୍ଷଣ ଓ ଗବେଷଣା ପ୍ରତିଷ୍ଠାନ ରଖାଯାଇଛି । ଏ ସଂସ୍ଥା ପାଇଁ ପାଠାଗାରଟିଏ ଅନିର୍ବାଯ୍ୟ । ଆଗରୁ ମୋ ଶିକ୍ଷକତା ଜୀବନକାଳରେ ମୋ ଛାତ୍ରଛାତ୍ରୀମାନଙ୍କ ପାଇଁ ଗୋଟିଏ କ୍ଷୁଦ୍ର ଘରୋଇ ପାଠାଗାର ରଖିଥିଲି । ମୋ ଛାତ୍ରମାନେ ଏହାକୁ ନାମିତ କରିଥିଲେ "ବିପିନ ବିହାରୀ ପାଠାଗାର"। ସେହି ପାଠାଗାରଟି ସେହି ନାମରେ ଯା ସହିତ ସଂଯୁକ୍ତ ହୋଇଯାଇଛି । ଅତଏବ ପାଠାଗାରଟିର ନାମ ରଖାଯାଇଛି ଓଡ଼ିଶା ଭାଷା ସଂରକ୍ଷଣ ଓ ଗବେଷଣା ପ୍ରତିଷ୍ଠାନ, ବିପିନ ବିହାରୀ ପାଠାଗାର, ଜଟଣୀ ।

ଜ.ସୁ : ଏମିତି ଏକ ଅନୁଷ୍ଠାନ ତୋଳିବାରେ ଆପଣଙ୍କର ଆଗରୁ ସ୍ୱପ୍ନ ଥିଲା କି ? ଯଦି ଥିଲା କାହିଁକି ?

ବି.ବି.ମ : ସ୍ୱପ୍ନ ଥିଲା। ପ୍ରଥମେ କେବଳ ପାଠାଗାରଟିଏର ଥିଲା । ପରବର୍ତ୍ତୀ ସମୟରେ ଓଡ଼ିଶା ଭାଷା ଓ ଗବେଷଣା କଥା ଏହା ସହିତ ସାମିଲ ହେଲା। ମୁଁ ଏକ ଗରିବ ପରିବାରରେ ଜନ୍ମ ନେଇଥିଲି । ପାଠପଢ଼ା ପାଇଁ ମୋ ପାଖରେ ବହି ବା ଖାତାଟିଏ କିଣିବାରେ ଅର୍ଥର ଅଭାବ ଥିଲା। ମୋର ପରିଷ୍କାର ମନେଅଛି ମୁଁ ଅଷ୍ଟମ ଶ୍ରେଣୀରେ ପୁରୀରେ ପଢୁଥିବା ବେଳେ ମତେ ଜଣେ ବଦାନ୍ୟ ବ୍ୟକ୍ତି ବହି ଖଣ୍ଡିଏ ଦାନ କରିଥିଲେ। କିନ୍ତୁ ମୁଁ ମୋର ପଢ଼ା ପାଇଁ ପୁରୀରେ ଥିବା ପାଠାଗାରମାନଙ୍କ ଉପରେ ପ୍ରାୟ ନିର୍ଭର କରୁଥିଲି । ସେତିକିବେଳେ ପାଠାଗାର ଆବଶ୍ୟକତା କ'ଣ ମୁଁ ଉପଲବ୍ଧି କରିଥିଲି । ଏଣୁ ୧୯୬୧ ମସିହାରେ ମୋର ଗାଁରେ ମୋ ବୟସର କିଛି ବନ୍ଧୁମାନଙ୍କୁ ନେଇ 'ଜନପ୍ରିୟ ପାଠାଗାର ନାରଗୋଡା' ନାମରେ ଏକ ପାଠାଗାର ଗଢ଼ିଲୁ । ସେ ସମୟରେ ଆମେ ମଗାଯଚା କରି ପାଖାପାଖି ୫୦୦ ବହି ମହଜୁଦ୍ ରଖିଥିଲୁ । ଗାଁଟି ଆମର ଛୋଟିଆ ଗାଁ। ପାଖାପାଖି ୨୦ଟା ଘର । ଦୁଃଖ ଏହି ଯେ ଆମେମାନେ ଯେତେବେଳେ ଉଚ୍ଚତର ଶିକ୍ଷା ପାଇଁ ବାହାରକୁ ଆସିଲୁ ଏବଂ ବିଭିନ୍ନ ଚାକିରି କଲୁ, ତତ୍ତ୍ୱାବଧାନ ଅଭାବରୁ ସେ ପାଠାଗାରଟି

ମରିଗଲା । ଏହାପରେ ଅନେକ ଥର ଚେଷ୍ଟା କରିଛି, ଗାଁରେ ନହେଲେ ବି କେଉଁଠି ହେଉ ମାତ୍ର ଏ ସରକାରୀ ଚାକିରିରେ ସ୍ଥାୟିତ୍ୱର ଅଭାବ ହେତୁ ପାରିନାହିଁ । ତଥାପି ୧୯୯୯ରେ ପ୍ରାୟ ୮ ହଜାର ବହି ଧରି ଜଟଣୀରେ ଏକ ପ୍ରଚେଷ୍ଟା ଆରମ୍ଭ କଲାବେଳକୁ ମହାବାତ୍ୟା ହେଲା । ମୁଁ ଜନସେବା ପାଇଁ ପ୍ରଭାବିତ ଅଂଚଳକୁ ଚାଲିଗଲି । ମାସକ ପରେ ଫେରିକି ଦେଖେ ଯେ ସେ ଘରଟିର ବାତ୍ୟାରେ କାନ୍ଥ ଫାଟି ଉଇ ପଶି ସବୁ ବହିପତ୍ର ଖାଇଯାଇଛନ୍ତି । ଆଶା ମରିଗଲା । କିନ୍ତୁ; ୨୦୦୧ ଠାରୁ ପୁଣି ଏ ସ୍ୱପ୍ନ ଅଙ୍କୁରିଲା ଏବଂ ବର୍ତ୍ତମାନର ପାଠାଗାରଟି ଆରମ୍ଭ ହେଲା ।

ଜ.ସୁ : ଏହି ଅନୁଷ୍ଠାନଟି ସରକାରୀ ପଞ୍ଜୀକୃତ ହୋଇଛି କି ?

ବି.ବି.ମ : ଏହା ଏକ ସରକାରୀ ପଞ୍ଜୀକୃତ ଅନୁଷ୍ଠାନ । ଏହା ଓଡ଼ିଶା ସରକାର ଆଇଜିଆର୍‌ଙ୍କ ପଞ୍ଜୀକୃତ ସଂଖ୍ୟା ହେଉଛି : ୨୩୬୪୧/୬୨,ବର୍ଷ ୨୦୧୪-୧୫ ।

ଜ.ସୁ : ଅନୁଷ୍ଠାନ ବହିପତ୍ର ପତ୍ରିକା ସଂଖ୍ୟା କେତେ ? କେଉଁ କେଉଁ ପତ୍ରିକା ଅନୁଷ୍ଠାନକୁ ଆସେ ?

ବି.ବି.ମ : କେବଳ ଅନୁଷ୍ଠାନର ବହିସଂଖ୍ୟା ୪୦ ହଜାରରୁ ଊର୍ଦ୍ଧ୍ୱ ଏବଂ ଦୈନିକ ପତ୍ରିକାଗୁଡ଼ିକୁ ବାଦ୍ ଦେଲେ ଅନ୍ୟାନ୍ୟ ମୂଲ୍ୟବାନ୍ ପତ୍ରିକା ସଂଖ୍ୟା ପାଖାପାଖି ୩୦ ହଜାର । ଅନୁଷ୍ଠାନକୁ ନିୟମିତ ଦୈନିକ ଉପାଦେୟ ପତ୍ରପତ୍ରିକାମାନ ଆସେ । ଏହା ବ୍ୟତୀତ ସାମୟିକ ଅନେକ ପତ୍ରିକା ଆସେ ।

ଜ.ସୁ : ଏତେ ବହି ଓ ପତ୍ରପତ୍ରିକା ଆପଣ ସଂଗ୍ରହ କଲେ କିପରି ?

ବି.ବି.ମ : ନିଜ ତରଫରୁ ବହୁ କିଣା କଥାଟି ତ ନିଶ୍ଚିତ ସତ୍ୟ। ଅନେକ ବହି ଓ ପତ୍ରପତ୍ରିକା ଓଡ଼ିଶାର ବିଭିନ୍ନ ପ୍ରାନ୍ତ ବୁଲି ମୁଁ ମୋର ସାହିତ୍ୟିକ ଓ ଲେଖକ ବନ୍ଧୁମାନଙ୍କଠାରୁ ସଂଗ୍ରହ କରିଛି । ଅନେକ ମଧ୍ୟ ଏହି ଅନୁଷ୍ଠାନକୁ ସ୍ୱେଚ୍ଛାକୃତ ଭାବେ ବହି ଓ ପତ୍ରପତ୍ରିକା ଦାନ କରୁଛନ୍ତି । ଏମିତିରେ ଏହାର କଳେବର କ୍ରମଶଃ ବଢ଼ି ଚାଲିଛି ।

ଜ.ସୁ : ପାଠାଗାରଟି ପାଠକମାନଙ୍କ ପାଇଁ କେତେବେଳେ ଖୋଲାଯାଏ ?

ବି.ବି.ମ : ପ୍ରତ୍ୟହ ସକାଳ ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ଖୋଲା ରହେ। କିନ୍ତୁ ମଧ୍ୟାହ୍ନ ୧ ଘଟିକାରୁ ୨ ଘଟିକା ଏବଂ ରବିବାର ଅପରାହ୍ନରେ ବନ୍ଦ ଥାଏ ।

ଜ.ସୁ : ଅନୁଷ୍ଠାନଟି କିପରି ଚଳାଉଛନ୍ତି ଓ ଏହାର ଆୟ ପନ୍ଥା କ'ଣ ?

ବି.ବି.ମ : ସୋସାଇଟି ଆକ୍ଟ ୧୯୬୦ ଅନୁଯାୟୀ ଏହାର ଏକ ପରିଚାଳନା ସମିତି ଅଛି । ମୁଁ କେବଳ ଏହାର ପ୍ରତିଷ୍ଠାତା ଅଧ୍ୟକ୍ଷ । ସଦସ୍ୟମାନଙ୍କର ସହାୟତାରେ ଏହା ଚାଲେ । ଆର୍ଥିକ ଅଭାବ ଅନାଟନ ବେଳେ ମୁଁ ଯଥାସାଧ୍ୟ ଏହାକୁ ପୂରଣ କରିବା ପାଇଁ ଚେଷ୍ଟା କରେ । କୌଣସି ସରକାରୀ ବା ବେସରକାରୀ ଅଥବା ବ୍ୟକ୍ତିବିଶେଷଙ୍କ ଆର୍ଥିକ ବା ଅନ୍ୟ କିଛି ଅନୁଦାନ ଏପର୍ଯ୍ୟନ୍ତ ଆମ ପାଖରେ ପହଂଚିନାହିଁ ।

ଜ.ସୁ : ଅନୁଷ୍ଠାନର ଆନୁଷ୍ଠାନିକ କାର୍ଯ୍ୟକ୍ରମ ସଂପର୍କରେ କିଛି ଆଲୋକପାତ କରିବେ କି ?

ବି.ବି.ମ : ବର୍ଷସାରା ଅନୁଷ୍ଠାନର କିଛି ନା କିଛି ଆନୁଷ୍ଠାନିକ କାର୍ଯ୍ୟ ଚାଲିଥାଏ । ଏମିତିରେ ତ ସାହିତ୍ୟିକ ଆଲୋଚନା, କବିତା ପାଠୋତ୍ସବ, ଓଡ଼ିଶା ଭାଷା ପ୍ରସଙ୍ଗିତ କର୍ମଶାଳା, କିଛି ମହତ୍ତ୍ୱପୂର୍ଣ୍ଣ ବ୍ୟକ୍ତିଙ୍କ ଜନ୍ମତିଥି ପାଳନ ଉତ୍ସବ, ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଏବଂ ଏହିପରି ଅନେକ କିଛି ଲାଗିରହିଥାଏ । ଏହାର ବାର୍ଷିକ ଉତ୍ସବ ପ୍ରତିବର୍ଷ ଏପ୍ରିଲ ପହିଲା ଉତ୍କଳ ଦିବସ ଅବସରରେ ଅନୁଷ୍ଠିତ ହୋଇଥାଏ । ଏହା ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ । ଏହି ଉତ୍ସବରେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ, ସାହିତ୍ୟିକ ଆଲୋଚନା ଏବଂ ଓଡ଼ିଶାର ସାହିତ୍ୟ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିତ୍ୱ ମାନଙ୍କୁ ସମ୍ବର୍ଦ୍ଧିତ ଇତ୍ୟାଦି କରାଯାଇଥାଏ । ଏତଦ୍‌ବ୍ୟତୀତ ଅନୁଷ୍ଠାନର ମୁଖପତ୍ର 'ଉତ୍ତରା' ଏହିଦିନ ଆତ୍ମପ୍ରକାଶ କରିଥାଏ । ଏହା ଏକ ସାହିତ୍ୟିକ ତଥା ଗବେଷଣାତ୍ମକ ପତ୍ରିକା ।

ଜ.ସୁ : ଛାତ୍ରଛାତ୍ରୀମାନଙ୍କର ବୌଦ୍ଧିକ ଓ ଶୈକ୍ଷିକ ବିକାଶର ସହାୟତା ପାଇଁ କି ବ୍ୟବସ୍ଥା ଅନୁଷ୍ଠାନ କରିଥାଏ ?

ବି.ବି.ମ : ଛାତ୍ରଛାତ୍ରୀମାନଙ୍କ ପାଇଁ ଏହି ଅନୁଷ୍ଠାନଟି ବିଶେଷ ଭାବରେ ପ୍ରତିଷ୍ଠିତ ହୋଇଛି । ସେମାନଙ୍କ ପାଠ୍ୟକ୍ରମକୁ ଆଖି ଆଗରେ ରଖି ଏବଂ ତା' ସହିତ ଭବିଷ୍ୟତ ଆତ୍ମନିଯୁକ୍ତି କଥାକୁ ଦୃଷ୍ଟିରେ ରଖି ବହିପତ୍ର ମହଜୁଦ୍ ଥାଏ । ସେମାନଙ୍କ ପାଇଁ ସ୍ୱତନ୍ତ୍ର ପଠନ କକ୍ଷ ରହିଛି ଏବଂ ସେମାନଙ୍କର ଉନ୍ନତି କଳ୍ପେ ଆନୁଷଙ୍ଗିକ ପଦକ୍ଷେପ ନିଆଯାଇଛି । ଯେମିତି ବିଭିନ୍ନ ପ୍ରକାର ପ୍ରତିଯୋଗିତା ଯଥା- କବିତାବୃତ୍ତି, ପ୍ରବନ୍ଧ ପ୍ରତିଯୋଗିତା, ବକ୍ତୃତା ପ୍ରତିଯୋଗିତା, କଳାକୃତି ଇତ୍ୟାଦି ସଂପର୍କିତ କାର୍ଯ୍ୟମାନ କରାଯାଏ ଏବଂ ବାର୍ଷିକ ଉତ୍ସବରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥାଏ ।

ଜ.ସୁ : ଗବେଷଣାଗାରର ପାଠାଗାରଟି କି କି ପ୍ରକାର ବହିମାନଙ୍କୁ ନେଇ ସମୃଦ୍ଧ ?

ଉତ୍ତର : ପାଠାଗାରରେ ଓଡ଼ିଆ, ଇଂରାଜୀ, ହିନ୍ଦୀ, ବଙ୍ଗଳା, ସଂସ୍କୃତ ଏବଂ ତେଲୁଗୁ ବିଭାଗର ବହିମାନଙ୍କୁ ନେଇ ସମୃଦ୍ଧ। ଏଥିରେ ପ୍ରତ୍ୟେକ ବିଭାଗ ଯଥା ସାହିତ୍ୟ, ଇତିହାସ, ବିଜ୍ଞାନ, ଭୂଗୋଳ,

ସାଧାରଣ ଜ୍ଞାନ, ସଂସ୍କୃତ, ଇଂଜିନିୟରିଂ (ପ୍ରତି ବିଭାଗ), ସଂଗୀତ ଓ କଳା ପ୍ରତିଯୋଗିତାମୂଳକ ପ୍ରଶାସନିକ ବହି, ବାଣିଜ୍ୟ, କଳା, ଆକାଉଣ୍ଟାନ୍‌ସି ଏମିତିରେ ପ୍ରାୟ ସମସ୍ତ ପ୍ରକାର ବିଭାଗର ଶହ ଶହ ସଂଖ୍ୟାରେ ବହି ଅଛି ।

ଜ.ସୁ : ଆପଣଙ୍କ ବ୍ୟକ୍ତିଗତ ପରିଚିତି, ଠିକଣା ଏବଂ ବର୍ତ୍ତମାନ ସ୍ଥିତି ସଂପର୍କରେ କିଛି କହିବେ କି ?

ବି.ବି.ମ : ମାଟ୍ରିକ୍ ସାର୍ଟିଫିକେଟ୍ ପ୍ରମାଣପତ୍ର ଅନୁସାରେ ମୋର ଜନ୍ମସ୍ଥାନ ନାରଗୋଦା (ସିକୋ), ଖୋର୍ଦ୍ଧା ଜିଲ୍ଲାରେ ୨୬ ଅକ୍ଟୋବର ୧୯୪୫ରେ ହୋଇଥିଲା । ମୋର ପିତାଙ୍କ ନାମ ବିଶ୍ୱନାଥ ମହାନ୍ତି, ମାତା : ଶ୍ରୀମତୀ ରସବତୀ(ଜନ୍ମିତା) ଓ ଶ୍ରୀମତୀ ସ୍ୱର୍ଣ୍ଣଲତା ମହାନ୍ତି(ପାଳିତା) ଏବଂ ପତ୍ନୀ ହେଉଛନ୍ତି ଶ୍ରୀମତୀ ନୀଳିମା ମହାନ୍ତି। ୧୯୬୭ ମସିହାରୁ ମୁଁ ଜଟଣୀରେ ଅଛି । ସଂପ୍ରତି ମୁଁ ବିକାଶ ନଗରର ସ୍ଥାୟୀ ଅଧିବାସୀ ।

ଜ.ସୁ : ଆପଣ ଜଣେ ଶିକ୍ଷକ ହୋଇଥିବାରୁ କେଉଁ କେଉଁ ଅନୁଷ୍ଠାନରେ ସେବା ଦେଇଛନ୍ତି ?

ବି.ବି.ମ : ମୋର ଶିକ୍ଷାଗତ ଯୋଗ୍ୟତାରେ ମୁଁ ଜଣେ ଏମ୍.ଏ(ଏକାଧିକ), ଏମ୍.ଏଡ୍ । ଶିକ୍ଷା ବିଭାଗରେ ମୋର ଚାକିରି ଆରମ୍ଭ ହୁଏ ପ୍ରଥମେ ସରକାରୀ ବାଳିକା ବିଦ୍ୟାଳୟ ବୋଲଗଡ଼ରେ ଜଣେ ଅଫିସ ସହାୟକ ହିସାବରେ । ଏହାପରେ ସରକାରୀ ବାଳିକା ବିଦ୍ୟାଳୟ, ଜଟଣୀ ଏବଂ ପରେ ଶିକ୍ଷା ତାଲିମ ଉତ୍ତାରୁ ଜଟଣୀ ଉଚ୍ଚବିଦ୍ୟାଳୟ, ବାମନ ଉଚ୍ଚବିଦ୍ୟାଳୟ, ବୋଲଗଡ଼, ସରକାରୀ ଉଚ୍ଚବିଦ୍ୟାଳୟ. ମେଣ୍ଢାଶାଳ, ସରକାରୀ ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟ, ଟାଙ୍ଗୀ ଏବଂ ପରିଶେଷରେ ସରକାରୀ ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟ, ପିପିଲିରୁ ଅବସର ନିଏ । ମଝିରେ ଶିକ୍ଷକ ମହାସଂଘ ତାଲିମ ଅନୁଷ୍ଠାନ, ଗୁରୁଜଙ୍ଗ, ଖୋର୍ଦ୍ଧାରେ କିଛିଦିନ ଅଧ୍ୟାପକ ହିସାବରେ କାର୍ଯ୍ୟରତ ଥିଲି।

ଜ.ସୁ : ଆପଣ ଜଣେ ବିଶିଷ୍ଟ ସାହିତ୍ୟିକ ଏବଂ ସ୍ତମ୍ଭାକର । ଆପଣଙ୍କର ପ୍ରକାଶନ ଓ କୃତିତ୍ୱ ନେଇ କିଛି କହିବେ କି ?

ବି.ବି.ମ : ମୁଁ ସାହିତ୍ୟର ପ୍ରତିଟି ବିଭାଗରେ ଲେଖନୀ ଚଳାଏ । ଏ ଯାବତ୍ ମୋର ପ୍ରକାଶିତ ବହିସଂଖ୍ୟା ୨୪ ଖଣ୍ଡି । ଆହୁରି ୫୦ରୁ ଊର୍ଦ୍ଧ୍ୱ ବହି ପ୍ରକାଶ ଅପେକ୍ଷାରେ । ଓଡ଼ିଶାରେ ପ୍ରକାଶିତ ହେଉଥିବା ପ୍ରାୟ ସମସ୍ତ ପତ୍ରପତ୍ରିକାରେ ମୋର ଲେଖା ଊଣା ଅଧିକେ ସ୍ଥାନିତ ହୁଏ । ଏମିତିରେ ତ ପ୍ରତିଦିନ ଗୋଟେ ଦୁଇଟା ଦୈନିକରେ ନିଶ୍ଚୟ ଥିବ ।

ଜ.ସୁ : ସାହିତ୍ୟର କୃତିତ୍ୱ ସଂପର୍କରେ କିଛି ପ୍ରମାଣପତ୍ର ପାଇଛନ୍ତି କି ?

ବି.ବି.ମ : ଆପଣମାନେ ତ ଓଡ଼ିଶାରେ ସାହିତ୍ୟ ଏକାଡେମୀର ପୁରସ୍କାର କଥା ଜାଣନ୍ତି । ଯାକୁ ବାଦ୍ ଦେଲେ ବିଭିନ୍ନ ଅନୁଷ୍ଠାନ, ଦେଶ ଓ ବିଦେଶରୁ ମିଶି ଏଯାବତ୍ ୧୬୧ଟି ସମ୍ମାନ/ଉପାଧି/ସମ୍ବର୍ଦ୍ଧିତ ପ୍ରମାଣ ପତ୍ର ମିଳିଅଛି ।

ଜ.ସୁ : ପାଠାଗାରର ଭବିଷ୍ୟତ ନେଇ ଆପଣଙ୍କ ମତ କ'ଣ ?

ବି.ବି.ମ : ମୁଁ ବଂଚିଥିବା ଯାବତ୍ ଏ ସଂସ୍ଥାର କୌଣସି ଅସୁବିଧା ହେବ ନାହିଁ । ମୋ ଅନ୍ତେ ଏହି ସଂସ୍ଥା ତା'ର କାର୍ଯ୍ୟ ବହନ କରିବେ । କାରଣ ଏହା ସୋସାଇଟି ଆକ୍ଟ ଅନୁସାରେ ପଞ୍ଜୀକୃତ । ଏ ଅନୁଷ୍ଠାନର ଉତ୍ତରାଧିକାରୀ ହେଲେ ଓଡ଼ିଶାର ସଂସ୍କୃତି ବିଭାଗ । ଏହା ଅନୁଷ୍ଠାନର ସମ୍ବିଧାନରେ ପରିଷ୍କାର ଭାବରେ ଲେଖାଯାଇଛି । ବର୍ତ୍ତମାନ ଏହି ଅନୁଷ୍ଠାନର ସ୍ଥିତି ପାଠାଗାର ସେବା ଦେବାରେ ଖୋର୍ଦ୍ଧା ଜିଲ୍ଲାରେ ସର୍ବବୃହତ୍ ଏବଂ ସର୍ବପ୍ରଥମ ଅନୁଷ୍ଠାନ । ଓଡ଼ିଶାରେ ଏହାର ସ୍ଥାନ ପଂଚମରେ ଅବସ୍ଥିତ । ବେସରକାରୀ ଓଡ଼ିଶା ଭାଷା ଗବେଷଣା କ୍ଷେତ୍ରରେ ଆମେ ପ୍ରଥମ । ଏପରି ଏକ ଅନୁଷ୍ଠାନ ଭୁଷୁଡ଼ିଯିବାର ଦୁଃସ୍ୱପ୍ନ ମୋର ମୋଟେ ନାହିଁ। କେହି ଜଣେ ଭଗୀରଥ ମୋ ଅନ୍ତେ ଜନ୍ମ ନେବେ । ନୋହିଲେ ତ ଏହା ସରକାରୀ ସମ୍ପତ୍ତି ଆଗରୁ କହିଛି ।

ଜ.ସୁ : ଆଉ କିଛି ମନ୍ତବ୍ୟ ରଖିବେ କି ?

ବି.ବି.ମ : ମନ୍ତବ୍ୟ କଥା ଯାହା କହିଲେ ସେ ନେଇ କହିବି, କେବଳ ଓଡ଼ିଆ ଭାଷା ନୁହେଁ ଓଡ଼ିଶାର ଯେତେ ଭାଷା ଅଛି ତାହାକୁ ବଂଚାଇବା ପାଇଁ ସମସ୍ତେ ଉଦ୍ୟମ କରନ୍ତୁ । ଜ୍ଞାନର ଗନ୍ତାଘରକୁ ସମୃଦ୍ଧ କରାଇବାରେ ବ୍ୟକ୍ତିଗତ ପାଠାଗାରଠାରୁ ଆରମ୍ଭ କରି ଗ୍ରାମ୍ୟ ପାଠାଗାର ଏବଂ ତଦୁର୍ଦ୍ଧ୍ୱବୃହତ୍ ଅନୁଷ୍ଠାନ ପର୍ଯ୍ୟନ୍ତ ସମସ୍ତେ ଚେଷ୍ଟିତ ରୁହନ୍ତୁ । ଏବେ ଇଣ୍ଟରନେଟ୍ ଯୁଗ । ଯେତେ ଇ-ବୁକ୍ ବା ଇ-ପାଠାଗାର ହେଲେ ମଧ୍ୟ ତାହା ସଂଗୃହୀତ ଏବଂ ସଂରକ୍ଷିତ ପୁସ୍ତକ/ଗ୍ରନ୍ଥ ପାଠାଗାର ସମକକ୍ଷ ହୋଇପାରିବେ ନାହିଁ । ଅନୁରୋଧ କରିବି, ଏ ବାର୍ତ୍ତା ମୋର ଯେଉଁଠି ପହଂଚୁଛି ଅନ୍ତତଃ ଆମ ଅନୁଷ୍ଠାନକୁ ସହଯୋଗ କରିବାରେ ହାତ ବଢ଼ାନ୍ତୁ । କିଛି ନହେଲେ ଦୁଷ୍ପ୍ରାପ୍ୟ ବସ୍ତୁଟିଏ ବିଶେଷ କରି ପାଠାଗାର ସମ୍ବନ୍ଧୀୟ : ପୋଥି, ବହି ବା ପତ୍ରିକା ଖଣ୍ଡିଏ ଯଦି ପାରୁଛନ୍ତି ଆମକୁ ସହଯୋଗ କରନ୍ତୁ ଏବଂ ଏହାକୁ ଏକ ରାଜ୍ୟସ୍ତରୀୟ ବୃହତ୍ ଅନୁଷ୍ଠାନରେ ପରିଣତ କରିବାରେ ସହାୟକ ହୁଅନ୍ତୁ ।

**ବିପିନ ବିହାରୀ ମହାନ୍ତି**
**ମୋ : ୯୯୩୮୩୪୪୧୩୮**